# ତପୋବନର ତପସ୍ୱୀ ଥିଲେ ଲକ୍ଷ୍ମୀନାରାୟଣ

ଭଦ୍ରକ ଅଫିସ, ୧୬।୯

ତପୋବନର ତପସ୍ୱୀ ଥିଲେ ଲକ୍ଷ୍ମୀନାରାୟଣ। ତାଙ୍କର ଅନୁବାଦ ସାହିତ୍ୟ ଥିଲା ଭିନ୍ନ ଓ ଅନନ୍ୟ। ଏହା କାଳକାଳକୁ ଜିଇଁ ରହିବ ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଭଦ୍ରକର ସଂସ୍କୃତି ଭବନଠାରେ ଶନିବାର ଅପରାହ୍ନରେ ଆୟୋଜିତ ଯୁବସାହିତ୍ୟ ଏବଂ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ସାହିତ୍ୟାଲୋଚନା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଭୟ କାର୍ଯ୍ୟକ୍ରମରେ ଏକାଡେମୀର କୋଲକାତା ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡ. ମିହିର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶକୁନ୍ତଳା ବଳିଆରସିଂହ, ଡ. ବ୍ରଜମୋହନ ମିଶ୍ର ଓ ପବିତ୍ର ପାଣିଗ୍ରାହୀ ପ୍ରମୁଖ ଅନ୍ୟତମ ବକ୍ତା ରୂପେ ଯୋଗଦେଇ ବହୁମୁଖୀ ସୃଜନ ପ୍ରତିଭାର ଅଧିକାରୀ ଲକ୍ଷ୍ମୀନାରାୟଣଙ୍କ ସାରସ୍ୱତ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନର ଯୁବସାହିତ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବେ କୈଳାସ ବେହେରା, କିଶୋର ପାଣିଗ୍ରାହୀ ଓ ସଞ୍ଜୟ ଜୟସିଂହ ପ୍ରମୁଖ ସ୍ୱରଚିତ ଗଳ୍ପ ଓ କବିତା ପାଠ କରିଥିଲେ। ପ୍ରଥମ ପର୍ବରେ କଥାକାର ପବିତ୍ର ପାଣିଗ୍ରାହୀ ଓ ଆଲୋଚନା ସଭାରେ ଅଭିଜିତ୍ ନାୟକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ଭଦ୍ରକର ସଂସ୍କୃତି ଭବନରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।